# ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ: ଏକ ଆହ୍ୱାନ

ସମଗ୍ର ଭାରତବର୍ଷରେ ଉଚ୍ଚଶିକ୍ଷା ଯେତେବେଳେ ବଡ଼ବଡ଼ ସମସ୍ୟାର ମୁକାବିଲା ନିମନ୍ତେ ପାଠ୍ୟଖସଡ଼ା ପ୍ରସ୍ତୁତ କରୁଛନ୍ତି, ସେତିକିବେଳେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଏକ ବଡ଼ ଆହ୍ୱାନ ଭଳି ମନେହୁଏ। ନୂତନ ଶିକ୍ଷା ନୀତି ପ୍ରସ୍ତୁତି ପଥରେ ଅଛି, ଅନ୍ତର୍ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନମାନଙ୍କର ଅନୁପ୍ରବେଶ ଭାରତରେ ହୋଇସାରିଛି, ଶିକ୍ଷା ଅନ୍ତର୍ଜାତୀୟ ବ୍ୟବସାୟ ସଂଗଠନର ଅନ୍ତର୍ଭୁକ୍ତ ହୋଇସାରିଛି। ଆର୍ଥିକ ସମସ୍ୟା ଘେରରେ ଭାରତୀୟ ଶିକ୍ଷା ବ୍ୟବସ୍ଥା ଗତି କରୁଛି। ନୂତନ ଯୁବପିଢ଼ି ଅଧିକରୁ ଅଧିକ ସଂଖ୍ୟାରେ ଅନ୍ତର୍ଜାତୀୟ ସ୍ତରର ଶିକ୍ଷା ପ୍ରତି ଆକୃଷ୍ଟ ହୋଇଛନ୍ତି, ଲୋକଙ୍କ ନିକଟରେ ବ୍ୟୟବହୁଳ ପାଠ୍ୟକ୍ରମ ପାଇଁ ସମ୍ବଳ ଉପଲବ୍ଧ ହେଉଥିଲା ବେଳେ ସରକାରଙ୍କ ନିକଟରେ ଏଥିନିମନ୍ତେ ଯଥେଷ୍ଟ ସମ୍ବଳର ଅଭାବ ଦେଖାଦେଉଛି। ଶିକ୍ଷା, ସ୍ୱାସ୍ଥ୍ୟ, ବାଣିଜ୍ୟ, ଗମନାଗମନ, ଖାଦ୍ୟପାନୀୟ, ଗଣ ଯୋଗାଯୋଗ ଇତ୍ୟାଦି ସବୁ କ୍ଷେତ୍ରରେ ବିଶ୍ୱସ୍ତରୀୟ ମାନଦଣ୍ଡ ରକ୍ଷା କରିବା ନିମନ୍ତେ ପ୍ରବଳ ଆଗ୍ରହ ଦେଖାଦେଉଥିଲା ବେଳେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଜନ୍ମ।

ସଂପୂର୍ଣ୍ଣ ସରକାରୀ ଉଦ୍ୟମରେ ପ୍ରତିଷ୍ଠା ଲାଭ କରିଥିବା ଏହି ବିଶ୍ୱବିଦ୍ୟାଳୟ ଅନେକ ସମାନ୍ତରାଳ ଆହ୍ୱାନର ସାମ୍ନାସାମ୍ନି ହୋଇ ଛିଡ଼ା ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜାତୀୟ ଶିକ୍ଷାନୀତି ଆଧାରରେ ବିବିଧ ଯୋଜନାର ସୁରୂପାୟନ ନିମନ୍ତେ କାର୍ଯ୍ୟ କରିବାର ଦାୟିତ୍ୱବୋଧ ଏହାର କାର୍ଯ୍ୟ- ପରମ୍ପରା ସୃଷ୍ଟି କରୁଛି। ଏକବିଂଶ ଶତାବ୍ଦୀକୁ ଜ୍ଞାନ ଓ ସୂଚନାର ଶତାବ୍ଦୀ ବୋଲି କୁହାଯାଉଛି। ଏ ଦିଗରେ ଆମେ ଯେତିକି ଆଗକୁ ଯିବାକୁ ମନ କରିବା, ଆମ ପାଇଁ ସେତିକି ମାନବ ସମ୍ବଳ, ସେତିକି ଅର୍ଥ, ସେତିକି ପରିମାଣର ପର୍ଯ୍ୟାପ୍ତ ଭଣ୍ଡାରଘର, ସେତିକି ଅଧିକ ଆନୁଷଙ୍ଗିକ ଉପାଦାନର ଆବଶ୍ୟକତା ରହିଛି। ଅଥଚ ଅପରପାର୍ଶ୍ୱରେ ଶିକ୍ଷାକୁ ସମାଜ ରୂପାନ୍ତରର ଗୋଟିଏ ବଡ଼ ମାଧ୍ୟମ ଭାବରେ ମଧ୍ୟ ବିବେଚନା କରାଯାଉଛି। ଯେଉଁ ଦେଶରେ ଅର୍ଦ୍ଧାଧିକ ଜନତା ଦାରିଦ୍ର୍ୟ ପ୍ରପୀଡ଼ିତ, ଉଚ୍ଚଶିକ୍ଷାରୁ ବଂଚିତ, ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଓ ନିରାପତ୍ତା ଠାରୁ ଯଥେଷ୍ଟ ଦୂରରେ, ସେଇଠି ଉଚ୍ଚଶିକ୍ଷା ଓ ଗବେଷଣା ସଂପର୍କରେ ବିଶ୍ୱସମୁଦାୟ ସହିତ ତାଳ ଦେଇ ଚାଲିବା ଠାରୁ ଆରମ୍ଭ କରି ନିଜ ଦେଶ ଭିତରେ ମୌଳିକ ଶିକ୍ଷାର ବିକାଶ ପ୍ରତି ଉପଯୁକ୍ତ ଧ୍ୟାନ ଦେବା ଏକାନ୍ତ ଜରୁରୀ ବୋଲି ମନେହୁଏ। ସରକାରଙ୍କ ଦାୟିତ୍ୱ ଉଭୟ ମଧ୍ୟରେ ଭାରସାମ୍ୟ ରକ୍ଷା କରିବା। ଏଇ ବିରାଟ ଆହ୍ୱାନର ମୁକାବିଲା ପାଇଁ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରସ୍ତୁତ।

ସଂପ୍ରତି ବିଜ୍ଞାପିତ ୩ଟି ସାର୍ଟିଫିକେଟ୍ ଓ ୧୧ଟି ଡିପ୍ଲୋମା ପାଠ୍ୟକ୍ରମ- ସବୁ ଗୁଡ଼ିକ ଏକାନ୍ତ ଉପଯୋଗୀ ଓ ନିଯୁକ୍ତି ଆଧାରିତ ପାଠ୍ୟକ୍ରମ। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ୱେବ୍‌ସାଇଟ୍ www.osou.comରେ ସମସ୍ତ ତଥ୍ୟ ଉପଲବ୍ଧ। ଭାରତବର୍ଷର କୌଣସି ଶିକ୍ଷାନୁଷ୍ଠାନରେ ଏତେ କମ୍ ଦେୟରେ ଏଭଳି ପାଠ୍ୟକ୍ରମ ଉପଲବ୍ଧ ନୁହେଁ।

ଭାରତର ସବୁ ବର୍ଗର ଲୋକଙ୍କୁ ଆତ୍ମନିର୍ଭରଶୀଳ କରାଇବା ଲକ୍ଷ୍ୟରେ ସେଦିନ ମହାତ୍ମା ଗାନ୍ଧୀ ଆହ୍ୱାନ ଦେଇଥିଲେ- "କୁଟି ଖାଅ, କାଟି ପିନ୍ଧ।" ମୂଳ ଉଦ୍ଦେଶ୍ୟ ଖାଇବା ଓ ପିନ୍ଧିବା ସାମଗ୍ରୀ ଉତ୍ପାଦନ ମାଧ୍ୟମରେ ମାନବସମ୍ବଳକୁ ପ୍ରୋତ୍ସାହିତ କରିବା। ସ୍ୱାଧୀନତା ପରବର୍ତ୍ତୀ କାଳରେ ସମାନ୍ତରାଳ ଲକ୍ଷ୍ୟ ରଖି ସରକାର ଦ୍ୱିତୀୟ ପଂଚବାର୍ଷିକ ଯୋଜନା ଠାରୁ ଆରମ୍ଭ କରି ଷଷ୍ଠ ଯୋଜନା ପର୍ଯ୍ୟନ୍ତ ପ୍ରାୟ ସବୁ ଯୋଜନାରେ ଦକ୍ଷତାପୂର୍ଣ୍ଣ ମାନବସମ୍ବଳ ସୃଷ୍ଟି ଲକ୍ଷ୍ୟ ରଖିଥିଲେ। ଅଥଚ ଭାରତରେ ଅଧିକାଂଶ ଜନତା ଗ୍ରାମାଞ୍ଚଳର ତଥା ଗରିବଶ୍ରେଣୀର। ଲକ୍ଷ୍ୟ କରିବାର କଥା ଉଚ୍ଚଶିକ୍ଷା କ୍ଷେତ୍ରରେ ଅଧିକାଂଶ ଭାଗ ସହରାଞ୍ଚଳ ତଥା ଧନିକ ଶ୍ରେଣୀର ପିଲାମାନଙ୍କ ଦ୍ୱାରା ଅଧିକୃତ ହୋଇ ରହୁଛି। ଏଥି ସହିତ ଆଉ ଗୋଟିଏ ବିଶେଷ ସ୍ୱତନ୍ତ୍ରତା ଲକ୍ଷ୍ୟ କରାଯାଇପାରିବ। ସେହିଟି ହେଉଛି ବେସରକାରୀ ଉଦ୍ୟମରେ ପରିଚାଳିତ ବ୍ୟୟବହୁଳ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ଧନିକ ତଥା ଉଚ୍ଚ ବର୍ଗର ପିଲାମାନେ ସ୍ଥାନ ଛାଡ଼ି ବସୁଥିବା ବେଳେ ସରକାରୀ ଉଦ୍ୟମରେ ପରିଚାଳିତ ଅନୁଷ୍ଠାନ ଗୁଡ଼ିକ ଗରିବ ଶ୍ରେଣୀର ପିଲାମାନଙ୍କ ପାଇଁ ସତେ ଯେପରି ସଂରକ୍ଷିତ ହୋଇ ରହିଛି। ପରିଣତିରେ ଦେଖାଯାଇଛି ସରକାରୀ ଶିକ୍ଷାନୁଷ୍ଠାନମାନଙ୍କ ମାନ ଦିନକୁ ଦିନ ତଳକୁ ତଳକୁ ଯାଇଛି। ତଥ୍ୟ କହୁଛି, ଓଡ଼ିଶାର ଅଧିକାଂଶ ସରକାରୀ ବିଶ୍ୱବିଦ୍ୟାଳୟମାନଙ୍କର ନ୍ୟାକ୍ ମାନ୍ୟତା ନାହିଁ। ଯେଉଁଠି ବିଶ୍ୱବିଦ୍ୟାଳୟମାନଙ୍କର ଅବସ୍ଥା ଏଇଆ, ସେ କ୍ଷେତ୍ରରେ ମହାବିଦ୍ୟାଳୟମାନଙ୍କ କଥା ନ କହିବା ଭଲ, ସ୍ୱୟଂଶାସିତ ପିଲାମାନଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଏ ଭଳି ସ୍ଥିତିରେ ବାସ୍ତବ ସ୍ଥିତିକୁ ଆଖି ଆଗରେ ରଖି ଶିକ୍ଷା ପ୍ରଦାନ କଥା ସଂପର୍କରେ ପୂର୍ଣ୍ଣ ବିଚାର ଆବଶ୍ୟକ। ପାରମ୍ପରିକ ଢଙ୍ଗରେ ଗତାନୁଗତିକ ଶିକ୍ଷା ପ୍ରଦାନ ଅପେକ୍ଷା ଅଣପାରମ୍ପରିକ ତଥା ମୁକ୍ତ ଢଂଗରେ ଜ୍ଞାନ କୌଶଳ ସଂପର୍କରେ ଶିକ୍ଷା ପ୍ରଦାନ କରାଗଲେ, କଥାଟି ଅଧିକ ସ୍ପୃହଣୀୟ ଓ ଗ୍ରହଣୀୟ ହେବ। ବାସ୍ତବ ସ୍ଥିତିରେ ଅନୁକୂଳ ପାଠ୍ୟକ୍ରମ ସୃଷ୍ଟି ସହିତ କମ୍ ଦେୟ ମାଧ୍ୟମରେ ଉଚ୍ଚଶିକ୍ଷାକୁ ଗ୍ରାମାଞ୍ଚଳ ଅଭାବୀମାନଙ୍କ ନିକଟରେ ଉପଲବ୍ଧ କରାଇବାକୁ ହେବ। ସର୍ବଭାରତୀୟ ସ୍ତରର ନିର୍ଦ୍ଧାରିତ ହାରାହାରି ଦେୟ ଠାରୁ ଯଥେଷ୍ଟ କମ ହାରରେ ପାଠ୍ୟକ୍ରମ ଦେୟ ଆଦାୟର ନମନୀୟତା ମାଧ୍ୟମରେ ଚୌଥ ପିଲାଏ ପାଠ ପଢ଼ିବେ। ସମାଜର ସାମାଜିକ ଓ ଆର୍ଥିକ କାର୍ଯ୍ୟକ୍ଷେତ୍ରରେ ଯଥେଷ୍ଟ ସହାୟକ ହୋଇପାରିବ। ଦକ୍ଷତା ଓ ଯୁଗୋପଯୋଗିତା ପାଠ୍ୟକ୍ରମର ଆଧାର ହେବା ଆବଶ୍ୟକ। ବସ୍ତୁତଃ ଏଇ ପ୍ରକାରର ଆବଶ୍ୟକତା ଆଧାରରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ବିଷୟ ଚୟନ କରାଯାଇଛି। ବିଶ୍ୱବିଦ୍ୟାଳୟ ସ୍ତରୀୟ ଶିକ୍ଷା ପ୍ରଦାନ ମଧ୍ୟରେ ଏ ସବୁ ପାଠ୍ୟକ୍ରମର ନିଜସ୍ୱ ଗୁରୁତ୍ୱ ଦିଆଯାଇଛି। ନିରବଚ୍ଛିନ୍ନ ପ୍ରଗତିର ଧାରା ବଜାୟ ରଖିବାର ଆକାଂକ୍ଷା ପୋଷଣ କରି ଏ ସବୁ ପାଠ୍ୟକ୍ରମର ବିକାଶ କରାଯାଇଛି। ଉଚ୍ଚଶିକ୍ଷା ଯେଉଁମାନଙ୍କ ପାଇଁ ଅପହଞ୍ଚ, ଯେଉଁମାନେ କାର୍ଯ୍ୟବ୍ୟସ୍ତତା ଯୋଗୁଁ ଆକାଂକ୍ଷିତ ଶିକ୍ଷାରୁ ବଂଚିତ, ଶିକ୍ଷା ଯେଉଁମାନଙ୍କ ପାଇଁ, ଶିକ୍ଷା ମାଧ୍ୟମରେ ଯେଉଁମାନେ ସାମାଜିକ ବିକାଶ ଓ ପରିବର୍ତ୍ତନର ଆକାଂକ୍ଷା ପୋଷଣ କରନ୍ତି, ସେହିମାନଙ୍କ ପାଇଁ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ଗୁଡ଼ିକ ଉଦ୍ଦିଷ୍ଟ। ଶିକ୍ଷାକୁ ଅଧିକ ଯୁଗୋପଯୋଗୀ କରିବା ପାଇଁ ସ୍ଥାନୀୟ ତଥା ଅନ୍ତର୍ଜାତୀୟ ସମସ୍ୟା ଗୁଡ଼ିକୁ ସ୍ଥାନିତ କରିବା ସହ ଅତ୍ୟାଧୁନିକ ଜ୍ଞାନ କୌଶଳ ମାଧ୍ୟମରେ ଏହାକୁ ବିତରଣ କରିବାର ଲକ୍ଷ୍ୟ ରଖି ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଶ୍ରୁତିବଦ୍ଧ ଭାବରେ କାର୍ଯ୍ୟଧାରାକୁ ଆଗେଇ ନେଇ ଚାଲିଛି। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିମାନଙ୍କ ପରାମର୍ଶ ଓ ସହାଚର୍ଯ୍ୟରେ ଏହାର ପାଠ୍ୟକ୍ରମ ସ୍ଥିରୀକୃତ ହେଇଛି। ଏପରିକି ଏ ସବୁର ପାଠ୍ୟ ମଧ୍ୟ ସମାଜର ଅନୁଭୂତି ସଂପନ୍ନ ପ୍ରତିଭାଧର ବ୍ୟକ୍ତିମାନଙ୍କ ଦ୍ୱାରା ଲିଖିତ ମଧ୍ୟ।

ବିଶ୍ୱବିଦ୍ୟାଳୟର ନାମଲେଖା ବିଜ୍ଞାପନ ନିକଟ ଅତୀତରେ ପ୍ରକାଶିତ ହୋଇ ସାରିଛି। ପ୍ରତିକ୍ରିୟା ସ୍ୱରୂପ ପ୍ରାୟ ସମସ୍ତ ପାଠ୍ୟକ୍ରମ ପ୍ରତି ଓଡ଼ିଶାର କୋଣ ଅନୁକୋଣରୁ ଅନୁକୂଳ ଇଚ୍ଛା ପ୍ରକାଶ ପାଇଛି। ଆଗାମୀ ଦିନମାନଙ୍କରେ ଆହୁରି ଅନେକ କ୍ଷେତ୍ରରେ ବିଭିନ୍ନ ଅନୁକୂଳ ପାଠ୍ୟକ୍ରମ ମାନ ଖୋଲାଯିବାର ଲକ୍ଷ୍ୟ ମଧ୍ୟ ସ୍ଥିର କରାଯାଇଛି। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରଥମ ସ୍ୱତନ୍ତ୍ର ଅଧିକାରୀ ଇତି ମଧ୍ୟରେ ପ୍ରଥମ୍ କୁଳପତି ଭାବରେ ଚୟନ ହୋଇଛନ୍ତି। ଓଡ଼ିଶାର ରାଜ୍ୟପାଳଙ୍କ ଦ୍ୱାରା ନିଯୁକ୍ତ ପ୍ରଫେସର ଶ୍ରୀକାନ୍ତ ମହାପାତ୍ର ଏହି ପଦବି ପାଇଁ ସର୍ବୋତ୍ତମ ବ୍ୟକ୍ତି ଭାବରେ ଆପଣା ଦକ୍ଷତା ପ୍ରମାଣିତ କରିବେ, ଏ ବିଶ୍ୱାସ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ସହ ଜଡ଼ିତ ପ୍ରତିଟି ବ୍ୟକ୍ତି ନିଃସନ୍ଦେହରେ ସ୍ୱୀକାର କରିବେ। ଗୋଟିଏ ବର୍ଷ ନୁହେଁ, ବରଂ ମାତ୍ର ଦଶ ମାସ ଭିତରେ ଚଉଦଟି ପାଠ୍ୟକ୍ରମର ଅନୁବର୍ତ୍ତନ କରାଇବା ସହ ଆଗାମୀ ଦିନରେ ଚଳିତ ଶିକ୍ଷାବର୍ଷ ଭିତରେ ଆହୁରି ଅଧିକ ନିଯୁକ୍ତି ସୁଯୋଗ ପ୍ରଦାୟୀ ଗୁରୁତ୍ୱପୂର୍ଣ୍ଣ ପାଠ୍ୟକ୍ରମ ପ୍ରଚଳନ କରିବାର ଯୋଜନା ରଖିଛନ୍ତି ନବନିଯୁକ୍ତ କୁଳପତି ପ୍ରଫେସର ମହାପାତ୍ର। ଏ ଭଳି ଏକ ଉଚ୍ଚ ଶିକ୍ଷାନୁଷ୍ଠାନକୁ ଆତ୍ମପରିଚିତି ପ୍ରଦାନ କରିବା, ତାହା ପୁଣି ଏତେ କମ୍ ସମୟ ଅବଧି ମଧ୍ୟରେ, ତାହା ହିଁ ସମସ୍ତଙ୍କ ପାଇଁ ପ୍ରେରଣାର ବିଷୟ। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ସ୍ୱପ୍ନ ସଫଳ ହେଉ- ଏତିକି କାମନା।

ଡ. ଦିଲ୍ଲୀପ କୁମାର ନାୟକ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ,
ସମ୍ବଲପୁର